# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**10 May - 2026**

************************************

## ମୁଖ୍ୟ ସମ୍ବାଦ

- ଦେଶରେ ସମ୍ଭାବ୍ୟ ବନ୍ୟା ଏବଂ ଗ୍ରୀଷ୍ମପ୍ରବାହ ସ୍ଥିତିର ମୁକାବିଲା ନେଇ ଆଜି ନୂଆଦିଲ୍ଲୀରେ ସମୀକ୍ଷା କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ।
- ସମ୍ବଲପୁରଠାରେ ୧୯୪ କୋଟି ଟଙ୍କା ବ୍ୟୟରେ ୪୮ଟି ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ।
- ମାତୃଶକ୍ତିର ତ୍ୟାଗ ଓ ବଳିଦାନକୁ ସ୍ମରଣକରି ଆଜି ପାଳନ କରାଯାଉଛି ବିଶ୍ୱ ମାତୃତ୍ୱ ଦିବସ ।

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ବଜ୍ରପାତ ସହ ବର୍ଷା ହେବା ନେଇ ୧୭ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା।

# ସୋମନାଥ ଅମ୍ରିତ ପର୍ବ

ଗୁଜୁରାଟ ସ୍ଥିତ ସୋମନାଥ ମନ୍ଦିରର ପୁନଃ ନିର୍ମାଣର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ 'ସୋମନାଥ ଅମୃତ ପର୍ବ ୨୦୨୬' ପାଳନ କରାଯାଉଛି । ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ମନ୍ଦିରର ଐତିହାସିକ

ଗୁରୁତ୍ୱ ଏବଂ ସ୍ଥାୟୀ ଐତିହ୍ୟକୁ ପ୍ରତିପାଦନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି  ସୋମନାଥ ମନ୍ଦିର ଗସ୍ତରେ ଯିବେ ।

୧ ହଜାର ୨୬ ମସିହାରେ ସୋମନାଥ ମନ୍ଦିର ଉପରେ ପ୍ରଥମଥର ପାଇଁ ଆକ୍ରମଣ ହୋଇଥିଲା । ଚଳିତବର୍ଷ ଏହାର ୧ ହଜାର ବର୍ଷ ପୂରଣ ହୋଇଛି । ୧୯୫୧ ମସିହାରେ ସୋମନାଥ ମନ୍ଦିର ପୁନଃ ଖୋଲିଥିଲା । ଚଳିତବର୍ଷ ଏହାର ୭୫ତମ ବାର୍ଷିକୀ ପାଳନ କରାଯାଉଛି । ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ୧୯୫୧ ମସିହାରେ ଏହାକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଭଗବାନ ଶିବଙ୍କ ୧୨ଟି ଆଦି ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ପ୍ରଥମ ଭାବରେ ସୋମନାଥ ମନ୍ଦିର ଏକ ପବିତ୍ର ସ୍ଥାନ ଭାବେ ମାନ୍ୟତା ଲାଭ କରିଛି ।

## ଧର୍ମେନ୍ଦ୍ର ପ୍ରଧାନ-ସମ୍ବଲପୁର ଗସ୍ତ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଜିଲ୍ଲାର ନାକଟିଦେଉଳ, ରେଢ଼ାଖୋଲ ଏବଂ ଜୁଜୁମରା ବ୍ଲକର ବିକାଶ ପାଇଁ ୧୯୪ କୋଟି ଟଙ୍କା ବ୍ୟୟରେ ୪୮ଟି ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ପର୍ଯ୍ୟଟନ ଓ ଐତିହ୍ୟର ବିକାଶକୁ ଗୁରୁତ୍ୱ ଦେଇ ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍ ର ଭୂମିପୂଜନ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଐତିହ୍ୟ ସ୍ଥଳୀର ବିକାଶ ପାଇଁ ପ୍ରାୟ ୮ କୋଟି ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁମୋଦନ ହୋଇଛି । ପର୍ଯ୍ୟଟନ ସ୍ଥଳୀର ବିକାଶ କାର୍ଯ୍ୟସ୍ୱରୂପ ପ୍ରବେଶପଥ, ସେତୁ, ଭ୍ୟୁ-ପଏଣ୍ଟ ଓ ସୌରଶକ୍ତି ବ୍ୟବସ୍ଥା

ଅତ୍ୟାଧୁନିକ ସୁବିଧା ଓ ବିଶ୍ରାମଗୃହ ନିର୍ମାଣ କରାଯିବ । ନାକଟିଦେଉଳ ଅଞ୍ଚଳର ଲୋକମାନଙ୍କ ସୁବିଧା ପାଇଁ କମ୍ୟୁନିଟି ହେଲ୍ଥ ସେଣ୍ଟରର ନୂତନ ଭବନ ଏବଂ ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି । ରେଢ଼ାଖୋଲ ବ୍ଲକ ଅଧୀନରେ ଥିବା ରାମପୁର-ଗିରିଶଚନ୍ଦ୍ରପୁର ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଯାହା ଅଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ସୁଗମ କରିବ । ଶୁଭାରମ୍ଭ ହୋଇଥିବା ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ସାମାଜିକ ଓ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଲୋକଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

**- V/O -**

## ସିପାହୀ ବିଦ୍ରୋହ

ଭାରତରେ ବ୍ରିଟିଶ ଉପନିବେଶବାଦୀ ଶାସନ ବିରୁଦ୍ଧରେ ୧୮୫୭ ଆଜିର ଦିନରେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବା ସିପାହୀ ବିଦ୍ରୋହ ଆରମ୍ଭ ହୋଇଥିଲା । ମିରଟରେ ତୃତୀୟ ବଙ୍ଗଳା ଲାଇଟ୍ କାଭାର୍ଲିର ସୈନିକମାନେ ଗୋରୁ ଏବଂ ଘୁଷୁରି ଚର୍ବିରେ ତିଆରି କାଟ୍ରିଜ ବ୍ୟବହାରକୁ ନେଇ ବ୍ରିଟିଶ ଅଧିକାରୀଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । କାରଣ ଏହା ସେମାନଙ୍କ ଧାର୍ମିକ ଭାବନାକୁ ଉଲ୍ଲଙ୍ଘନ କରୁଥିଲା । ଉତ୍ତର ଏବଂ ମଧ୍ୟ ଭାରତରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ବିରୁଦ୍ଧରେ ଏକ ସ୍ଥାନୀୟ ବିଦ୍ରୋହ କ୍ରମଶଃ ଏକ ବଡ ଆନ୍ଦୋଳନରେ ପରିଣତ ହୋଇଥିଲା ଏବଂ ଭାରତର ସ୍ୱାଧୀନତା ପ୍ରାପ୍ତି ପାଇଁ ପଥ ପ୍ରଶସ୍ତ କରିଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୮୫୭ ସିପାହୀ ବିଦ୍ରୋହର ବୀର ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହାକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କହିଛନ୍ତି । ଏହି ବିଦ୍ରୋହ ଜନସାଧାରଣଙ୍କ ମନରେ ଦେଶପ୍ରେମର ଭାବନାକୁ ପ୍ରଜ୍ୱଳିତ କରିଥିଲା । ବ୍ରିଟିଶ ସରକାରଙ୍କ ଉପନିବେଶବାଦୀ ଶକ୍ତିକୁ ଦୁର୍ବଳ କରିବାରେ ସିପାହୀ ବିଦ୍ରୋହର ଅନେକ ଗୁରୁତ୍ୱ ରହିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ବିଜୟ ଶପଥ ଗ୍ରହଣ

ଟିଭିକେ ମୁଖ୍ୟ ସି. ଜୋସେଫ୍ ବିଜୟ ଆଜି ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି ।  ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର’ ଶ୍ରୀ ବିଜୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ତାଙ୍କ ସହିତ ୯ ଜଣ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।

ଆସାମ ବି.ଜେ.ପି. ନବନିର୍ବାଚିତ ବିଧାୟକ ଦଳ ବୈଠକରେ ଡକ୍ଟର ହିମନ୍ତ ବିଶ୍ୱଶର୍ମାଙ୍କୁ ନେତା ଭାବେ ନିର୍ବାଚିତ କରାଯାଇଛି । ଏନ୍.ଡି.ଏ. ବିଧାୟକ ଦଳ ବୈଠକରେ ମଧ୍ୟ ଡକ୍ଟର ଶର୍ମା ନେତା ଭାବେ ମନୋନୀତ ହୋଇଛନ୍ତି । ଉଭୟ ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ

ବି.ଜେ.ପି. ନେତା ଜଗତ୍‌ପ୍ରକାଶ ନଡ୍ଡା ଏବଂ ସହ ପର୍ଯ୍ୟବେକ୍ଷକ ଭାବେ ନାୟେବ ସିଂହ ସାଇନି ଉପସ୍ଥିତ ଥିଲେ ।

## ଏଜୁକେସନ - ସମର କ୍ୟାମ୍ପ୍

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଚଳିତ ଗ୍ରୀଷ୍ମଋତୁ ନିମନ୍ତେ ସମସ୍ତ ବିଦ୍ୟାଳୟରେ "ଭାରତୀୟ ଭାଷା ଗ୍ରୀଷ୍ମକାଳୀନ ଶିବିର-୨୦୨୬"ର ଆୟୋଜନ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ କହିଛି, ଏହି ଶିବିର ସପ୍ତାହେ ବ୍ୟାପୀ ଚାଲିବ । ଭାରତର ବିଭିନ୍ନ ଭାଷାଭାଷୀଙ୍କ ମଧ୍ୟରେ ଆତ୍ମପରିଚୟ, ଶବ୍ଦଗଠନ ଜ୍ଞାନ, ଦୈନନ୍ଦିନ ଜୀବନରେ ବ୍ୟବହୃତ କଥୋପକଥନ ଏବଂ ସାଂସ୍କୃତିକ ଭାବବିନିମୟ ହେଉଛି ଏହି ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ । ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଭାରତୀୟ ସାଙ୍କେତିକ ଭାଷାକୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱ ଦିଆଯାଉଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତବର୍ଷ ଏହି ପ୍ରୟାସ ଆରମ୍ଭ କରିଥିଲେ ।

## ମାତୃତ୍ୱ ଦିବସ

ଦୁନିଆରେ ସବୁଠୁ ସୁନ୍ଦର ଓ ମଧୁର ଶବ୍ଦ ହେଉଛି ମା' । ମା' ଶବ୍ଦଟି ଛୋଟ ହୋଇପାରେ କିନ୍ତୁ ଏହାର ଅର୍ଥ ସୀମାହୀନ ଭାବେ ପରିବ୍ୟାପ୍ତ। ତ୍ୟାଗ, ବଳିଦାନ ଓ ତପସ୍ୟାର ପ୍ରତୀକ ମା'ମାନଙ୍କ ସମ୍ମାନାର୍ଥେ ଆଜି

ମାତୃଦିବସ ପାଳନ କରାଯାଉଛି। ଆଜି ମା'ମାନଙ୍କୁ ଉତ୍ସର୍ଗ କରି ମାତୃତ୍ୱ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

ପୃଥିବୀଠାରୁ ଅଧିକ ସହନଶୀଳ ଏବଂ ଆକାଶଠାରୁ ଅଧିକ ବ୍ୟାପ୍ତ ମା'ଙ୍କୁ ସନ୍ତାନର ପ୍ରଥମ ଗୁରୁ ଓ ମାର୍ଗଦର୍ଶିକା ଭାବେ ବିବେଚନା କରାଯାଏ। ମା'ର ମମତା, ସ୍ନେହ ଓ ତ୍ୟାଗର କୌଣସି ତୁଳନା ନାହିଁ । ଜୀବନର ପ୍ରତ୍ୟେକ କଠିନ ପରିସ୍ଥିତିରେ ମା' ସନ୍ତାନ ପାଇଁ ସବୁଠାରୁ ବଡ ଶକ୍ତି ହୋଇ ଛିଡା ହୋଇଥାଏ । ମା'ଙ୍କ ସମ୍ମାନ କେବଳ ଗୋଟିଏ ଦିନରେ ସୀମିତ ନରହି ପ୍ରତିଦିନ ତାଙ୍କ ପ୍ରତି କୃତଜ୍ଞତା, ସ୍ନେହ ଓ ସମ୍ମାନ ଜଣାଇବା ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ୍ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାତୃ ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି ମାତୃଶକ୍ତିର ସମ୍ମାନ, ସୁରକ୍ଷା ଓ ସଶକ୍ତିକରଣ ସରକାରଙ୍କ ସର୍ବୋଚ୍ଚ ଲକ୍ଷ୍ୟ । ମା' କେବଳ ଏକ ସମ୍ବୋଧନ ନୁହେଁ ଏହା ଶକ୍ତି, ସଂସ୍କାର ଏବଂ ସମାଜ ଗଠନର ଅକ୍ଷୟଆଧାର । ଜନ୍ମଦାତ୍ରୀ ମା' ଏବଂ ଜନ୍ମଭୂମି ଉତ୍କଳ ଜନନୀଙ୍କ ଗୌରବ ରକ୍ଷା ପାଇଁ ସମସ୍ତଙ୍କୁ ସଂକଳ୍ପବଦ୍ଧ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି- ସ୍ନେହ, ଶକ୍ତି, ତ୍ୟାଗ ଏବଂ ଧୈର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ ମା' । ସମଗ୍ର ମାନବ ଜଗତ ପ୍ରତି ମା'ମାନଙ୍କ ଅବଦାନ ଅତୁଳନୀୟ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

ମା' ହେଉଛି ଶକ୍ତି, ପ୍ରେରଣା ଓ ସଂସ୍କାରର ପ୍ରତୀକ । ସମାଜ ଗଠନରେ ମା'ର ଭୂମିକା ଅନନ୍ୟ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ ।

## ଶ୍ରୀକ୍ଷେତ୍ର ଭଉଁରୀ

ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଆଜି ଶେଷ ହେଉଛି । ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ବାହାର ଚନ୍ଦନଯାତ୍ରାର ଆଜିର ଶେଷ ଦିବସରେ ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କର ହଳଦୀପାଣି ନୀତି ଅନୁଷ୍ଠିତ ହେବ । ଗତସନ୍ଧ୍ୟାରେ ଭଉଁରୀ ତିଥି ଅବସରରେ ଚଳନ୍ତୀ ପ୍ରତିମା ନରେନ୍ଦ୍ର ପୁଷ୍କରିଣୀରେ ୨୧ଘେରା ଜଳକ୍ରୀଡା କରିଥିଲେ ।

## ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣିତ କାର୍ଯ୍ୟ ଆସନ୍ତାକାଲି ଠାରୁ ଆରମ୍ଭ ହେବ । ୨ ଦିନ ଧରି ଏହି ଗଣତି ମଣତି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ପାଇଁ ଏହି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା ।

## ସମୀକ୍ଷା ବୈଠକ

ରାୟଗଡା ଜିଲ୍ଲା ନୂତନ ସଭାଗୃହଠାରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଅଧ୍ୟକ୍ଷତାରେ ଆବାସିକ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷାର ମାନ ବୃଦ୍ଧି ଓ ଛାତ୍ରାବାସ ପରିଚାଳନା ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଆୟୋଜିତ ହୋଇଯାଇଛି । ବୈଠକରେ ଜିଲ୍ଲାର ୧୪୯ଟି ଆବାସିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସୁପରିଟେଣ୍ଡେଣ୍ଟ, ଜିଲ୍ଲା ମଙ୍ଗଳ ଅଧିକାରୀ

ପ୍ରମୁଖ ଯୋଗଦେଇ ଶିକ୍ଷାର ଉତ୍କର୍ଷତା ଏବଂ ଛାତ୍ରକଲ୍ୟାଣ ସମ୍ପର୍କିତ କାର୍ଯ୍ୟଖସଡା ପ୍ରସ୍ତୁତ କରିଥିଲେ ।

## ଜୁଭେଣ୍ଟିକା

ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ପରିସରରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନ୍ତର୍ଗତ କିଶୋର-କିଶୋରୀଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୋଲିସ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ, ସାମାଜିକ ଗଣମାଧ୍ୟମରୁ ଶିକ୍ଷଣୀୟ ଜିନିଷ, ସାଇବର ଅପରାଧ ସମେତ ସମାଜରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଗୁଡ଼ିକର ଆପୋଷ ସମାଧାନ ଦିଗରେ ପୋଲିସର ସହଯୋଗ ନେଇ ଆଲୋଚନା ହୋଇଥିଲା ।

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବାନେଇ ୧୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ସ୍ଥଳ ବିଶେଷରେ ପବନର ବେଗ ଘଣ୍ଟାପ୍ରତି ୫୦ କିଲୋମିଟର ରହିବା ନେଇ ଅନୁମାନ କରାଯାଇଛି । ରାଜ୍ୟରେ ଜାରି ରହିଥିବା କାଳବୈଶାଖୀଜନିତ ବର୍ଷା ପ୍ରଭାବରେ ଉତ୍ତର ଉପକୂଳ ତଥା ଦକ୍ଷିଣ ଆଭ୍ୟନ୍ତର ଓଡ଼ିଶାରେ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇଛି ।